**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

**ଡବ୍ଲ୍ୟୁ.ପି.(ସି) ସଂଖ୍ୟା 9518/2014**

(ଭାରତର ସମ୍ବିଧାନର ଅନୁଚ୍ଛେଦ 226 ଏବଂ 227 ଅନୁଯାୟୀ ଏକ ଆବେଦନ) ।

*ଶରତ ଚ. ଖଡ଼ୋଗ୍ରାୟ* .... *ଆବେଦନକାରୀ*

*-ବନାମ -*

*ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ,* .... *ପ୍ରତିପକ୍ଷମାନେ*

*ଓ ଏସ୍ ଆର୍ ଟି ସି ଏବଂ ଅନ୍ୟମାନେ*

*ଆବେଦନକାରୀଙ୍କ ପାଇଁ* : *ଶ୍ରୀଯୁକ୍ତ ଜେ.କେ ମହାପାତ୍ର, ଅଧିବକ୍ତା*

*ପ୍ରତିପକ୍ଷମାନଙ୍କ ପାଇଁ* : *ଶ୍ରୀଯୁକ୍ତ ଏ. ତ୍ରିପାଠୀ, ଅଧିବକ୍ତା*

ପୀଠାସୀନ :

**ନ୍ୟାୟମୂର୍ତ୍ତି ଭି. ନରସିଂହ**

**ଶୁଣାଣି ତାରିଖ : 05.07.2023**

**ରାୟ ତାରିଖ : 05.07.2023**

*ଭି. ନରସିଂହ, ନ୍ୟାୟମୂର୍ତ୍ତି*

1. ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ମହାପାତ୍ର ଏବଂ ପ୍ରତିପକ୍ଷମାନଙ୍କ - ଓ ଏସ୍ ଆର୍ ଟି ସି ଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ତ୍ରିପାଠୀଙ୍କୁ ଶୁଣିଲି ।

2. ଆବେଦନକାରୀ ପ୍ରତିପକ୍ଷ - ଓ ଏସ୍ ଆର୍ ଟି ସି ଙ୍କ ଠାରେ ଡ୍ରାଇଭର ଭାବରେ କାର୍ଯ୍ୟ କରୁଥିବାବେଳେ ସଂଲଗ୍ନକ-2 ରେ 30.01.1999 ତାରିଖର ଆଦେଶ ଦ୍ୱାରା ସମୟ ପୂର୍ବରୁ ଅବସର ନେଇଥିଲେ । ଅପିଲ ପ୍ରାଧିକାରୀ ତଥା ସମୀକ୍ଷା କର୍ତ୍ତୃପକ୍ଷ ଯଥାକ୍ରମେ ସଂଲଗ୍ନକ-8 ଏବଂ 10 ଦ୍ୱାରା ଉକ୍ତ ଆଦେଶଟିକୁ ବଜାୟ ରଖିଥିଲେ । ଏହାକୁ ଆପତ୍ତି କରି, ଆବେଦନକାରୀ ବର୍ତ୍ତମାନର ରିଟ୍ ଆବେଦନକୁ ପ୍ରାଧାନ୍ୟ ଦେଇଛନ୍ତି ।

3. ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଉପସ୍ଥାପନା ହେଉଛି ଯେ ସଂଲଗ୍ନକ-2



HIGH COURT ORISSA

ରେ ଅକାଳ ଅବସରର ଆଦେଶ ଏବଂ ଅପିଲ ତଥା ସମୀକ୍ଷା ପ୍ରାଧିକାରୀଙ୍କ ଦ୍ୱାରା ପାରିତ ପରବର୍ତ୍ତୀ ଆଦେଶକୁ ରଦ୍ଦ କରାଯାଇପାରିବ ଯେହେତୁ ଏହା ଓ ଏସ୍ ଆର୍ ଟି ସି କର୍ମଚାରୀ (ବର୍ଗୀକରଣ, ନିଯୁକ୍ତି ଏବଂ ସେବାର ସର୍ତ୍ତ) ନିୟମାବଳୀ-1978 ଅନ୍ତର୍ଗତ ନିୟମାବଳୀ-118 ର ଏକସ୍ପ ଉଲ୍ଲଙ୍ଘନ ଅଟେ, ଯାହା ଏହା ପରଠାରୁ ନିୟମାବଳୀ-1978 ଭାବରେ ସୂଚାଇବ ।

3.A. ନିମ୍ନଲିଖିତ ପ୍ରତିକାର(ସବୁ) ମାଗି ଏହି ରିଟ୍ ଆବେଦନ ଦାଖଲ କରାଯାଇଛି ;

"........ରିଟ୍ ଆବେଦନକୁ ଅନୁମତି ଦିଆଯାଉ ଏବଂ ସଂଲଗ୍ନକ-2 ଅନ୍ତର୍ଗତ 30.01.1999 ତାରିଖର ସମୟପୂର୍ବ ଅବସରର ଆଦେଶ, ସଂଲଗ୍ନକ-8 ଅନ୍ତର୍ଗତ ଅପିଲ ଆବେଦନରେ ପାରିତ ହୋଇଥିବା 12.12.2013 ତାରିଖର ପ୍ରତ୍ୟାଖ୍ୟାନ ଆଦେଶ ଏବଂ ସଂଲଗ୍ନକ-10 ଅନ୍ତର୍ଗତ ସମୀକ୍ଷା ଆବେଦନରେ ପାରିତ ହୋଇଥିବା ତାରିଖ 09.04.2014 ର ଆଦେଶଗୁଡ଼ିକୁ ଅସିଦ୍ଧ ଏବଂ ବେଆଇନ ଘୋଷଣା କରାଯାଉ ଏବଂ ଅବସରର ବୟସକୁ 60 ବର୍ଷ ବୋଲି ଗ୍ରହଣ କରି ଏକ ନିର୍ଦ୍ଧାରିତ ଅବଧି ମଧ୍ୟରେ ଆବେଦନକାରୀଙ୍କୁ ସେବା ଦେବା ସହିତ ଅବସରକାଳୀନ ସୁବିଧା ନିର୍ଦ୍ଦେଶ ଦେବା ପାଇଁ ପ୍ରତିପକ୍ଷମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶ ପାରିତ କରାଯାଉ ।"

4. ପ୍ରାରମ୍ଭରେ, ଆବେଦନକାରୀଙ୍କ ପାଇଁ ବିଜ୍ଞ ଅଧିବକ୍ତା ଶ୍ରୀ ମହାପାତ୍ର ଉପସ୍ଥାପନା କରିଥିଲେ ଯେ ସଂଲଗ୍ନକ-2 ରେ ଦିଆଯାଇଥିବା କାର୍ଯ୍ୟାଳୟ ଆଦେଶ ସ୍ପଷ୍ଟତଃ ବେଆଇନ ଅଟେ କାରଣ ଆବେଦନକାରୀଙ୍କୁ ସମୟପୂର୍ବରୁ ଅବସର ଦେବା ପାଇଁ 30.01.1999 ତାରିଖରେ କାର୍ଯ୍ୟାଳୟ ଆଦେଶ ପାରିତ କରାଯାଇଥିଲା ଏବଂ ଆବେଦନକାରୀଙ୍କୁ ତାର ପରଦିନ ଅର୍ଥାତ୍ 31.01.1999 ତାରିଖରେ ହିଁ ଅବସର ନେବାକୁ କୁହାଯାଇଥିଲା ଏବଂ ଏହା ନିୟମାବଳୀ-118 ର ଘୋର ଉଲ୍ଲଙ୍ଘନ ଅଟେ ଯାହା ସେଥିରେ ଉଲ୍ଲେଖ କରାଯାଇଛି । ପ୍ରସ୍ତୁତ ସନ୍ଦର୍ଭର ସୁବିଧା ପାଇଁ ଉକ୍ତ ନିୟମାବଳୀ, ଏଠାରେ ଉଦ୍ଧୃତ କରାଯାଇଛି ;

*"**118.** ସେବା ନିବୃତ୍ତି ଏବଂ ଅବସର ଗ୍ରହଣ-(1) ଶ୍ରମଜୀବୀ ଓ ଚତୁର୍ଥ ଶ୍ରେଣୀ ପଦବୀରେ ଥିବା କର୍ମଚାରୀଙ୍କ ବ୍ୟତୀତ ଜଣେ କର୍ମଚାରୀଙ୍କ ବାଧ୍ୟତାମୂଳକ ଅବସର ଗ୍ରହଣ ବୟସ ହେଉଛି ସେହି ତାରିଖ ଯେଉଁ ଦିନ ସେ 58 ବର୍ଷ ବୟସର ହୁଅନ୍ତି । କିନ୍ତୁ ନିଗମ, ତାହାର ସ୍ୱଇଚ୍ଛାରେ, ଏକ ସାଧାରଣ କିମ୍ବା ସ୍ୱତନ୍ତ୍ର ଆଦେଶ ଦ୍ୱାରା ଏବଂ ଏପରି ସର୍ତ୍ତାବଳୀ ଅଧୀନରେ ଯାହା ସେ ନିଜେ ସ୍ଥିରୀକୃତ କରିପାରେ ଏହିପରି*

କର୍ମଚାରୀଙ୍କ ଧାରଣକୁ 60 ବର୍ଷ ବୟସ ପର୍ଯ୍ୟନ୍ତ ଧାରଣକୁ ପ୍ରାଧିକୃତ କରିପାରେ ।

(2) ଶ୍ରମିକ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ପାଇଁ ବାଧ୍ୟତାମୂଳକ ଅବସର ଗ୍ରହଣ ବୟସ ହେଉଛି 60 ବର୍ଷ ।

ଉଲ୍ଲେଖଥାଉକି, "ଶ୍ରମଜୀବୀ ଏବଂ ଚତୁର୍ଥ ଶ୍ରେଣୀ କର୍ମଚାରୀ" ଙ୍କ ବ୍ୟତୀତ ଅନ୍ୟ କୌଣସି କର୍ମଚାରୀ 30 ବର୍ଷର ଯୋଗ୍ୟକାରୀ ସେବା ସମାପ୍ତ କରିବା ପରେ କିମ୍ବା 50 ବର୍ଷ ବୟସର ହେବା ପରେ ଯେ କୌଣସି ସମୟରେ ସେ ଅବସର ନେବାକୁ ଚାହୁଁଥିବା ତାରିଖର ଅତିକମରେ 3 ମାସ ପୂର୍ବରୁ କ୍ଷମତାପନ୍ନ କର୍ତ୍ତୃପକ୍ଷଙ୍କୁ ଲିଖିତ ସୂଚନା ଦେଇ ଚାକିରିରୁ ଅବସର ନେଇପାରିବେ । ନିଗମର ଉପଯୁକ୍ତ କର୍ତ୍ତୃପକ୍ଷ କୌଣସି କର୍ମଚାରୀଙ୍କୁ ଜନହିତ ଦୃଷ୍ଟିରୁ 30 ବର୍ଷର ଯୋଗ୍ୟକାରୀ ସେବା ସମାପ୍ତ କରିବା ପରେ କିମ୍ବା 50 ବର୍ଷ ବୟସ ର ହେବା ପରେ ଯେଉଁ ତାରିଖରେ ତାଙ୍କୁ ଅବସର ଦେବା ଆବଶ୍ୟକ ତାହାର ଅତି କମରେ 3 ମାସ ପୂର୍ବରୁ ସେହି କର୍ମଚାରୀଙ୍କୁ ଲିଖିତ ସୂଚନା ଦେଇ ଅବସର ଦେଇ ପାରିବେ:

ଆହୁରି ମଧ୍ୟ, ଜଣେ କର୍ମଚାରୀ ଯିଏ ଉଚ୍ଚ କୁଶଳୀ, କୁଶଳୀ, ଅର୍ଦ୍ଧକୁଶଳୀ କିମ୍ବା ଅଣକୁଶଳୀ କାରିଗର, ସେ ସାଧାରଣତଃ 60 ବର୍ଷ ବୟସ ରେ ଚାକିରିରୁ ଅବସର ଗ୍ରହଣ କରିବେ । ତେବେ ଏଭଳି କର୍ମଚାରୀମାନଙ୍କୁ 55 ବର୍ଷ ବୟସ ର ହେବା ପରେ ଏକ ମାସର ସୂଚନା ଦେଇ କିମ୍ବା ଏହା ବଦଳରେ ଏକ ମାସର ଦରମା ବଦଳରେ ଯେକୌଣସି ସମୟରେ ଲୋକହିତ ଦୃଷ୍ଟିରୁ ଅବସର ଦିଆ ଯାଇପାରେ । ଏପରି ଜଣେ କର୍ମଚାରୀ ମଧ୍ୟ ଏକ ମାସ ସୂଚନା ଦେଇ 55 ବର୍ଷ ବୟସ ପରେ ଯେକୌଣସି ସମୟରେ ଅବସର ନେଇପାରନ୍ତି ।

5. ଅପରପକ୍ଷେ, ଓ ଏସ୍ ଆର୍ ଟି ସି ର ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ତ୍ରିପାଠୀ ନିବେଦନ କରିଛନ୍ତି ଯେ ଏହି ଆଦେଶରେ କୌଣସି ବେଆଇନତା ନାହିଁ, ତେଣୁ ପାରିତ ହୋଇଛି ।

6. ଏହା ଦେଖିବାକୁ ମିଳିଛି ଯେ ଆବେଦନକାରୀ ସଂଲଗ୍ନକ-2 ର ଉକ୍ତ କାର୍ଯ୍ୟାଳୟ ଆଦେଶକୁ ବିରୋଧ କରି ଏକ ଆବେଦନ ଦାଖଲ କରିଥିଲେ ଏବଂ ବାଧ୍ୟତାମୂଳକ ଅବସରର ଆଦେଶକୁ କାଏମ କରି ସଂଲଗ୍ନକ-୪ ର 12.12.2013 ତାରିଖର ଆଦେଶ ଦ୍ୱାରା ଆବେଦନଟିର ଫଏସଲା କରାଯାଇଥିଲା । ଏପରି ଆଦେଶ ବିରୁଦ୍ଧରେ, ଆବେଦନକାରୀ ନିୟମାବଳୀ ଅନୁଯାୟୀ ଏକ ସମୀକ୍ଷା ଦାଖଲ ଦେଇଥିଲେ ।

7. ସମୀକ୍ଷାକୁ ଅନୁମତି ଦେଉଥିବା ନିୟମାବଳୀ ସମୂହ ନିଗମରେ ନିୟମାବଳୀ-

167 ରେ ଆଲୋଚନା କରାଯାଇଥିଲା । ପ୍ରସ୍ତୁତ ସନ୍ଦର୍ଭ ସୁବିଧା ପାଇଁ ନିମ୍ନରେ ତାହା ଉଦ୍ଧୃତ କରାଯାଇଛି ;

> *"**167.** ନିଗମର ସମୀକ୍ଷା କରିବାର କ୍ଷମତା-ଏହି ସବୁ ନିୟମାବଳୀରେ ଉଲ୍ଲେଖ ଥିବା କୌଣସି ବିଷୟ ସତ୍ତ୍ୱେ, ନିଗମ ନିଜ ତରଫରୁ କିମ୍ବା ଅନ୍ୟଥା ମାମଲାର ଅଭିଲେଖ ମାଗିବା ପରେ, ଏହି ନିୟମାବଳୀ ଅନୁଯାୟୀ ଆବେଦନଯୋଗ୍ୟ ଯେକୌଣସି ଆଦେଶ ସଂଶୋଧନ କରିପାରିବେ ଏବଂ -*
>
> *(a) କୌଣସି ଜୋରିମାନା ଲାଗୁ କରିପାରିବେ କିମ୍ବା ଆଦେଶକୁ ନିଶ୍ଚିତ, ସଂଶୋଧନ କିମ୍ବା ରଦ୍ଦ କରିପାରିବେ; କିମ୍ବା*
>
> *(b) ଯେଉଁ କର୍ତ୍ତୃପକ୍ଷ ଆଦେଶ ଦେଇଛନ୍ତି କିମ୍ବା ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କୁ ମାମଲା ପଠାଇ, ମାମଲାର ପରିସ୍ଥିତି ଅନୁଯାୟୀ ଉପଯୁକ୍ତ ବୋଲି ବିବେଚନା କରୁଥିବା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ କିମ୍ବା ତଦନ୍ତ ନିର୍ଦ୍ଦେଶ ଦିଅନ୍ତୁ; କିମ୍ବା*
>
> *(c) ଏହା ଉପଯୁକ୍ତ ବୋଲି ବିବେଚନା କରୁଥିବା ଅନ୍ୟ ଆଦେଶଗୁଡ଼ିକ ପାରିତ କରନ୍ତୁ :*
>
> *ପରନ୍ତୁ -*
>
> *(i) ଜୋରିମାନା ଲାଗୁ କରିବା କିମ୍ବା ବୃଦ୍ଧି କରିବା ପାଇଁ କୌଣସି ଆଦେଶ ପାରିତ ହେବ ନାହିଁ, ଯଦି ସମ୍ପୃକ୍ତ କର୍ମଚାରୀଙ୍କୁ ପ୍ରତିବେଦନ ପାଇଁ କୌଣସି ସୁଯୋଗ ଦିଆଯାଇ ନାହିଁ, ଯାହା ସେ ଏପରି ଜୋରିମାନା ବିରୋଧରେ କରିବାକୁ ଚାହିଁବେ; ଏବଂ*
>
> *(ii) ଯଦି ନିଗମ ନିୟମାବଳୀ 138 ର ଦଫା (ix) ଏବଂ (x) ରେ ନିର୍ଦ୍ଦିଷ୍ଟ ହୋଇଥିବା କୌଣସି ପ୍ରକାରର ଜୋରିମାନା କରିବାକୁ ପ୍ରସ୍ତାବ ଦିଅନ୍ତି, ଯେଉଁଠାରେ ନିୟମାବଳୀ 141 (1 ରୁ 12) ର ବ୍ୟବସ୍ଥା ଅନୁଯାୟୀ ମାମଲାର ତଦନ୍ତ କରାଯାଇ ନାହିଁ, ସେ ନିୟମାବଳୀ 146ରେ ବ୍ୟବସ୍ଥା ଅନୁଯାୟୀ ନିର୍ଦ୍ଦେଶ ଦେବେ ଯେ ସେହି ତଦନ୍ତ କରାଯାଉ ଏବଂ ତା'ପରେ ଏହିପରି ଅନୁସନ୍ଧାନର କାର୍ଯ୍ୟାନୁଷ୍ଠାନ ଉପରେ ବିଚାର କରିବା ପରେ, ସେହି ଆଦେଶ ପାରିତ କରିବେ ଯାହା ଏହା ଉପଯୁକ୍ତ ବୋଲି ବିବେଚନା କରିବେ ।"*

୪. ଅନ୍ୟାନ୍ୟ ବିଷୟ ମଧ୍ୟରେ ଆବେଦନକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀଯୁକ୍ତ ମହାପାତ୍ର ନିବେଦନ କରିଛନ୍ତି ଯେ ଯଦିଓ ଏହି ସମୀକ୍ଷା ଆବେଦନ ଓ ଏସ୍ ଆର୍ ଟି ସି ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକଙ୍କ ସମ୍ମୁଖରେ ପୂର୍ବରୁ ଦାଖଲ କରାଯାଇଥିଲା, କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ, ସେହି କର୍ତ୍ତୃପକ୍ଷଙ୍କ ଅର୍ଥାତ୍, ମହାପ୍ରବନ୍ଧକ (A), ଓ ଏସ୍ ଆର୍ ଟି ସି ଙ୍କ ଦ୍ୱାରା

ସମୀକ୍ଷାର ସମାଧାନ କରାଯାଇଥିଲା, ଯିଏ ସ୍ୱୀକାରଯୋଗ୍ୟ ଭାବରେ ଅପିଲ ଆଦେଶ ପାରିତ କରିଥିଲେ । ତେଣୁ, ଏହା ଉପସ୍ଥାପିତ ହୋଇଛି ଯେ କେବଳ ଏହି ଦୃଷ୍ଟିରୁ ବାଧ୍ୟତାମୂଳକ ଅବସରର ଆଦେଶ ବାତିଲ କରାଯିବା ଉଚିତ ।

8.A. ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତର ଏକ ଦିଗ ହେଉଛି ଯେ "ଜଣେ ନିଜ ସ୍ୱାର୍ଥର ବିଚାରକ ହେବା ଉଚିତ ନୁହେଁ" । "ନେମୋ ଜୁଡ଼େକ୍ସ ଇନ୍ କୌସା ସୁଆ" । ବର୍ତ୍ତମାନର ମାମଲାରେ ସ୍ୱୀକାରଯୋଗ୍ୟ ଯେ ଅପିଲ ପ୍ରାଧିକାରୀ ଏବଂ ସମୀକ୍ଷା କର୍ତ୍ତୃପକ୍ଷ ଏକ ଏବଂ ସମାନ ବ୍ୟକ୍ତି ଅଟନ୍ତି । ଏହିପରି ଭାବରେ ପ୍ରାକୃତିକ ନ୍ୟାୟର ନୀତି ସ୍ପଷ୍ଟ ଭାବରେ ଉଲ୍ଲଂଘନ ହୋଇଛି ଏବଂ ସମୀକ୍ଷା କର୍ତ୍ତୃପକ୍ଷଙ୍କ ଦ୍ୱାରା କ୍ଷମତାର ପ୍ରୟୋଗ ଏହିପରି ପ୍ରକ୍ରିୟାର ନିରପେକ୍ଷତା କୁ ବିରୋଧ କରେ ।

9. ***AIR 1984 SC 1572 ମେସର୍ସ.ଜେ. ମହାପାତ୍ର ଆଣ୍ଡ କୋ. ବନାମ ଓଡ଼ିଶା ରାଜ୍ୟ*** ରେ ଅଭିଲିଖିତ ରାୟରେ ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା "ନେମୋ ଜୁଡେକ୍ସ ଇନ୍ କୌସା ସୁଆ" ର ଧାରଣା ଉପରେ ବ୍ୟାପକ ଭାବେ ବିଚାର କରାଯାଇଥିଲା ଏବଂ ସେହି ରାୟରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ***ଏ. କେ କ୍ରାଇପକ୍ ବନାମ ଭାରତ ସଂଘ (AIR 1970 SC 150)*** ମାମଲାର ପୂର୍ବ ରାୟ ବିଷୟରେ ଉଲ୍ଲେଖ କରି କୁହାଯାଇଛି ଯେ, ଏହି ମତବାଦ କେବଳ ନ୍ୟାୟିକ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଯୁଜ୍ୟ ନୁହେଁ, ବରଂ ଅର୍ଦ୍ଧ ନ୍ୟାୟିକ ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ପାଇଁ ସମାନ ପରିମାଣରେ ପ୍ରଯୁଜ୍ୟ ।

10. ***ମେସର୍ସ. ଜେ. ମହାପାତ୍ର (ପୂର୍ବୋକ୍ତ)*** ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ରାୟରେ ଆଲୋଚନା କରାଯାଇଥିବା ନୀତିକୁ ପ୍ରସ୍ତୁତ ସନ୍ଦର୍ଭ ପାଇଁ ଏଠାରେ ଉଦ୍ଧୃତ କରାଯାଇଛି ;

> "୨................. ନେମୋ ଜୁଡ଼େକ୍ସ ଇନ୍ କୌସା ସୁଆ, ଯାହାକି, କୌଣସି ବ୍ୟକ୍ତି ନିଜ ମାମଲାରେ ବିଚାରପତି ହେଇପାରିବେ ନାହିଁ, ଏହା ଆଇନରେ ଦୃଢ଼ ଭାବରେ ପ୍ରତିଷ୍ଠିତ ଏକ ନୀତି । ନ୍ୟାୟ କେବଳ ହେବା ଉଚିତ ନୁହେଁ, ବରଂ ଏହା ସ୍ପଷ୍ଟ ଭାବେ ହେଉଥିବାର ଦେଖାଯିବା ଉଚିତ । ଏହି ସିଦ୍ଧାନ୍ତରେ ଜନସାଧାରଣଙ୍କ ପାଇଁ ବିଚାରାଳୟରେ କାର୍ଯ୍ୟାନୁଷ୍ଠାନ ଉନ୍ମୁକ୍ତ ରହେ, କେବଳ ସେହି ମାମଲା ବ୍ୟତୀତ ଯେଉଁଥିରେ ସ୍ୱତନ୍ତ୍ର କାରଣ ପାଇଁ ଆଇନ ଗୁପ୍ତ ଭାବରେ ଶୁଣାଣି ଆବଶ୍ୟକ କରେ କିମ୍ବା ପ୍ରାଧିକୃତ କରେ । ଯଦି ଜଣେ ବ୍ୟକ୍ତି ନିଜ ବିଷୟରେ ଜଣେ ବିଚାରପତି ଭାବରେ କାର୍ଯ୍ୟ କରନ୍ତି କିମ୍ବା ନିଜେ ଏହାର ଫଳାଫଳ ପ୍ରତି ଆଗ୍ରହୀ ହୁଅନ୍ତି,

ତେବେ ନ୍ୟାୟ କଦାପି କାର୍ଯ୍ୟକାରୀ ହେଉଥିବା ଦେଖାଯାଇପାରିବ ନାହିଁ । ଏହି ନୀତି ଅର୍ଦ୍ଧନ୍ୟାୟିକ ଏବଂ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ପାଇଁ କେବଳ ପ୍ରଯୁଜ୍ୟ ନୁହେଁ ................"

"10. ............ ନ୍ୟାୟାଳୟ କହିଛନ୍ତି ଯେ କୌଣସି ବ୍ୟକ୍ତି ନିଜ ବିଷୟରେ ବିଚାରପତି ହେବା ଉଚିତ ନୁହେଁ ବୋଲି ଯେଉଁ ନିୟମ ରହିଛି ତାହା ପ୍ରାକୃତିକ ନ୍ୟାୟର ଏକ ନୀତି ଏବଂ ଏହା ଅର୍ଦ୍ଧ-ନ୍ୟାୟିକ ତଥା ପ୍ରଶାସନିକ କ୍ଷମତାର ପ୍ରୟୋଗ ପାଇଁ ସମାନ ଭାବରେ ପ୍ରଯୁଜ୍ୟ ।"
(ସନ୍ଦର୍ଭ : *ଏ. କେ. କ୍ରାଇପକ୍ (ପୂର୍ବୋକ୍ତ))*

11. ***ମେସର୍ସ. ଜେ. ମହାପାତ୍ର*** ଏବଂ ***ଏ.କେ କ୍ରାଇପକ୍ (ପୂର୍ବୋକ୍ତ)*** ଙ୍କ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କର ନିଷ୍ପତ୍ତିକୁ ଗୁରୁତ୍ୱ ଦେଇ ମୂଲ୍ୟାଙ୍କନ କରାଯାଇଛି ଏବଂ ଉପରୋକ୍ତ କାରଣଗୁଡ଼ିକ ପାଇଁ, ସଂଲଗ୍ନକ-10 ରେ ଆବେଦନରେ ଆଦେଶକୁ କାଏମ କରିଥିବା ସମୀକ୍ଷା କର୍ତ୍ତୃପକ୍ଷଙ୍କ ଦ୍ୱାରା ପାରିତ ଆଦେଶ, ରଦ୍ଦ କରାଗଲା ଏବଂ ମାମଲାଟି ସମୀକ୍ଷାର ପର୍ଯ୍ୟାୟକୁ ନ୍ୟସ୍ତ କରାଗଲା ।

12. ନିର୍ଦ୍ଦେଶରେ, ଶ୍ରୀଯୁକ୍ତ ତ୍ରିପାଠୀ ଉପସ୍ଥାପନା କରନ୍ତି ଯେ ନିଗମ ବର୍ତ୍ତମାନ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ଭାବରେ ମନୋନୀତ ଜଣେ ଅଧିକାରୀଙ୍କ ଦ୍ୱାରା ପରିଚାଳିତ, ଯିଏ ମହାପ୍ରବନ୍ଧକ (A) ଠାରୁ ପଦାନୁକ୍ରମରେ ଉଚ୍ଚତର ।

13. ଯେହେତୁ ଏହା ସ୍ୱତଃ ସ୍ପଷ୍ଟ ଯେ ସମୀକ୍ଷାର ବିଚାର ସେହି ଏକା ଅପିଲ କର୍ତ୍ତୃପକ୍ଷଙ୍କ ଦ୍ୱାରା କରାଯାଇଥିଲା ଯିଏ ଆବେଦନକୁ ପ୍ରତ୍ୟାଖ୍ୟାନ କରିଥିଲେ, ଏହାକୁ ଧ୍ୟାନରେ ରଖି, ଏହି ନ୍ୟାୟାଳୟ, ସ୍ୱାଧୀନ ଭାବରେ, ଓ ଏସ୍ ଆର୍ ଟି ସି ର ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକଙ୍କୁ, ଏକ ସମୀକ୍ଷା କର୍ତ୍ତୃପକ୍ଷ ଭାବରେ କାର୍ଯ୍ୟ କରୁଥିବା ମହାପ୍ରବନ୍ଧକ (A)ଙ୍କ ଦ୍ୱାରା ପାରିତ ପୂର୍ବ ଆଦେଶ ଦ୍ୱାରା ପ୍ରଭାବିତ ନହୋଇ, ଏହି ଆଦେଶର ନକଲ ଗ୍ରହଣ/ଉପସ୍ଥାପନ ତାରିଖଠାରୁ ଛଅ ସପ୍ତାହ ମଧ୍ୟରେ ଆବେଦନକାରୀଙ୍କ ସମୀକ୍ଷାର ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେବାକୁ ପ୍ରବର୍ତ୍ତିତ ହୋଇଛନ୍ତି ।

14. ଏହା କହିବା ଅନାବଶ୍ୟକ ଯେ ଏହି ନ୍ୟାୟାଳୟ ଏହି ମାମଲାର ଯୋଗ୍ୟତା ବିଷୟରେ କୌଣସି ମତ ପ୍ରକାଶ କରିନାହାନ୍ତି ।

HIGH COURT ORISSA

15. ଉପରୋକ୍ତ ସବୁ ଅବଲୋକନ ସହିତ, ଏହି ରିଟ୍ ଆବେଦନର ଫଏସଲା ହେଲା । କୌଣସି ଖର୍ଚ୍ଚ ନାହିଁ ।

*(ଭି. ନରସିଂହ)*
*ନ୍ୟାୟମୂର୍ତ୍ତି*

*ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ,*
*ତାରିଖ 5 ଜୁଲାଇ,2023/ସନ୍ତୋଷୀ*

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇ ନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ବୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ : ଶ୍ରୀ ଓଜସ୍ୱୀ କୁମାର ସାହୁ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ : କଟକ

HIGH COURT ORISSA
सत्यमेव जयते